ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 26-04-2024

ଗଜପତି(ଓଡିଶା) - :2024-04-26 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-04-27 | 2024-04-28 | 2024-04-29 | 2024-04-30 | 2024-05-01 |
|---|---|---|---|---|---|
| ବର୍ଷା (ମିମି) | 2.0 | 1.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 43.0 | 43.0 | 44.0 | 41.0 | 40.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 23.0 | 23.0 | 24.0 | 25.0 | 24.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 68 | 65 | 49 | 73 | 68 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 18 | 19 | 15 | 15 | 17 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7 | 8 | 7 | 9 | 10 |
| ପବନର ଦିଗ (ଡିଗ୍ରୀ) | 202 | 225 | 238 | 234 | 236 |
| ମେଘାଚ୍ଛନ (ଅକ୍ଟା) | 6 | 6 | 2 | 2 | 2 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ଅତି ହାଲୁକା ବର୍ଷା ହୋଇପାରେ ଏବଂ ତା'ପରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ମୁଖ୍ୟତଃ ସଫା ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୭.୦ ରୁ ୧୦.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୪୦.୦° ସେଲସିୟସ ରୁ ୪୪.୦° ସେଲସିୟସ ଏବଂ ୨୩.୦° ସେଲସିୟସ ରୁ ୨୫.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୪୯ ରୁ ୭୩ ଶତକଡା ଏବଂ ୧୫ ରୁ ୧୯ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୪୦.୯° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୩° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦୧.୪ ମିଲିମିଟର ବର୍ଷା ହୋଇଅଛି । ଆସନ୍ତା ୫ ଦିନ ମଧ୍ୟରେ ଗଜପତି ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଅଧିକ ହେବାର ସମ୍ଭାବନା ରହିଛି । ମାଟିର ଆର୍ଦ୍ରତା କୁ ବଜାୟ ରଖିବା ପାଇଁ ମାଟିକୁ ନଡା କିମ୍ବା ଶୁଖିଲା ପତ୍ର ଦ୍ୱାରା ଘୋଡାଇ ରଖନ୍ତୁ । ଖରାତାପ ରୁ ରକ୍ଷା ପାଇବା ନିମନ୍ତେ ଫସଲରେ ବାରମ୍ବାର ଜଳ ସେଚନ କରନ୍ତୁ । ପନିପରିବା ର ତଳିଘେରା କୁ ଛାଇରେ ରଖନ୍ତୁ । ପଶୁ ମାନଙ୍କୁ ସଫା ଏବଂ ଉଚିତ୍ ପରିମାଣରେ ପାଣି ପିଇବାକୁ ଦିଅନ୍ତୁ । ଘାସ ଚରିବା ପାଇଁ ପଶୁ ମାନଙ୍କୁ କେବଳ ସକାଳ ଓ ସନ୍ଧ୍ୟା ସମୟରେ ବାହାରକୁ ଛାଡନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ତାପମତ୍ରା କ୍ରମଶଃ ବଢୁଥିବାରୁ କାକୁଡି ଜାତୀୟ ଫସଲ ରେ ଫୁଲ ଓ ଫଳ ଝଡିବାର ର ସମ୍ଭାବନା ରହିଛି। ଏଥିରୁ ଫସଲ କୁ ରକ୍ଷା କରିବା ପାଇଁ ଅଳ୍ପ ପରିମାଣ ରେ ବାରମ୍ବାର ଜଳ ସିଞ୍ଚନ କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ಮೆಣಸಿನಾೃಠಿ | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenpyroximate ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଲଙ୍କା | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenpyroximate ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବୋଇତି କଖାରୁ | ଫଳ ମାଛି ଗୁଡିକ କଖାରୁଜାତୀୟ ପନିପରିବାର କଅଁଳିଆ ଫଳ ଉପରେ ଅଣ୍ଡା ଦେଇ ଅଠାଳିଆ ପଦାର୍ଥ ଦ୍ୱାରା ଘୋଡେଇ ଦିଅନ୍ତି । ଅଣ୍ଡାରୁ ଛୁଆ ଫୁଟି ଫଳ ଭିତରେ ପ୍ରବେଶ କରି ଭିତର ଅଂଶ କୁ ଖାଇଥାନ୍ତି । ଫଳ ଗୁଡିକ ଅଙ୍କାବଙ୍କା ହୋଇ ବଢେ ଏବଂ ଅସମୟରେ ପାଚି ଝଡିପଡେ । ଫଳ ଗୁଡିକ ଖାଇବା ଅନୁପଯୋଗୀ ହୋଇଥାଏ । ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୪-ଲିଟର ପାଣି ରେ ୪୦୦-ଗ୍ରାମ ଗୁଡ ଓ ୮-ମିଲି malathion ବା DDVP କୀଟନାଶକ ମିଶାଇ ବିଷଥୋପ ପ୍ରସ୍ତୁତ କରନ୍ତୁ । ଏହି ବିଷଥୋପକୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ ଟି ସ୍ଥାନରେ ଛୋଟ ସଢେଇ କିମ୍ବା ମାଟି ସରା କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ । ଏହା କରିବା ଦ୍ୱାରା ଫଳମାଛି ଗୁଡିକ ଏହି ବିଷଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । କାଙ୍କେଡିଆ ପୋକର ଉଭୟ ଭୃଙ୍ଗ ଏବଂ ପୂର୍ଣ୍ଣାଙ୍ଗ କୀଟ ପତ୍ର ର ଉଭୟ ପାର୍ଶ୍ୱରୁ ସବୁଜ ଅଂଶ କୋରି ଖାଆନ୍ତି । ଫଳରେ ପତ୍ର ଗୁଡିକ ଜାଲିଜାଲିଆ ହୋଇଯାଏ । ଆକ୍ରାନ୍ତ ପତ୍ର ଗୁଡିକ ଶୁଖି ଝଡି ପଡ଼େ । ଏହି ପୋକ ର ପରିଚାଳନା ପାଇଁ ପ୍ରଥମେ ଉଭୟ ଭୃଙ୍ଗ ଏବଂ ପୂର୍ଣ୍ଣାଙ୍ଗ ପୋକକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ କିମ୍ବା କିରୋସିନି ମିଶା ପାଣିରେ ପକେଇ ମାରି ଦିଅନ୍ତୁ । କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨-ମିଲି Chlorpyriphos ନାମକ କୀଟନାଶକ କିମ୍ବା ୨-ମିଲି Profenophos ନାମକ କୀଟନାଶକ କୁ ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡୀ | ବର୍ତ୍ତମାନ ସମୟରେ ଭେଣ୍ଡି ଫସଲରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ, ପାତ୍ରଡିଆଁ ପୋକ, ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ଅଛି । ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ମାନଙ୍କର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥିଆମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ଟୋଲଫେନପାଇରାଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ତରବୁଜ | ବର୍ତମାନ ସମୟରେ ଅତ୍ୟଧିକ ତାପମାତ୍ରା ହେତୁ ତରଭୁଜ ଫସଲ ରେ ଉକୁଣିଆ ପୋକ ଲାଗିବାର ସମ୍ଭାବନା ରହିଛି । ପୋକ ଦମନ କରିବା ପାଇଁ ଯବକ୍ଷାରଜାନ ର ପ୍ରୟୋଗ କୁ ସୀମିତ କରନ୍ତୁ ଏବଂ ଠିକ ଭାବରେ ଜଳ ସେଚନ କରନ୍ତୁ ଅନାବନା ଘାସ ଇତ୍ୟାଦି କୁ ଫସଲ ଚାରି ପଟୁ ଉପାଡି ଦିଅନ୍ତୁ ଏବଂ ମାଟି ରେ ନିମ୍ବ ପିଡିଆ ଦୁଇ ଥର, ଥରେ ମଞ୍ଜି ଗଜା ଧରିବା ସମୟ ରେ ଆଉ ଥରେ ଫୁଲା ଧରିବା ସମୟରେ ପ୍ରୟୋଗ କରିବା ସହ NSKE ୪% ୦.୫ ମିଲି ୧ ଲିଟର ପାଣି ରେ ୧୦-୧୫ ଦିନ ଅନ୍ତର ରେ ପ୍ରୟୋଗ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଅଧିକ ଗରମ କାରଣରୁ ପ୍ରାଣୀମାନଙ୍କର ଦୁଗ୍ଧ, ମାଂସ ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ତାଙ୍କ ଅବସ୍ଥାରେ କିଛି ସୁଧାର ନ ଆସିଲେ ପ୍ରାଣୀମାନେ ମୃତ୍ୟୁବରଣ ମଧ୍ୟ କରିପାରନ୍ତି । ଦିନବେଳା ଖରା ଅଧିକ ହେଲେ ପ୍ରାଣୀମାନଙ୍କୁ ଗୁହାଳରୁ କାଢି ଛାଇ ଜାଗାରେ ବାନ୍ଧିବା ଉଚିତ୍ । ଗୁହାଳର ଛପର ଟିଣ ବା ଆଜବେଷ୍ଟସ୍ ର ହୋଇଥିଲେ ତା ଉପରେ ଛଣ ବା ନଡିଆ ବାହୁଙ୍ଗା ପକାଇ ରଖନ୍ତୁ ଓ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ । ଜୋର ରେ ଖରା ହଉଥିଲେ ଗୁହାଳର ଖୋଲାଥିବା ଜାଗା ଗୁଡିକରେ ଓଦା ଅଖା ଟଙ୍ଗାଇ ରଖନ୍ତୁ ଓ ଛାଇ ହୋଇଗଲେ ଅଖା ଖୋଲି ଦିଅନ୍ତୁ । କାନ୍ଥ ଓ ଛାତ ଉପରେ ଧଳା ରଙ୍ଗର ଚୂନର ଲେପ ଦିଅନ୍ତୁ । ଅଧିକ ଉତ୍ପାଦନକ୍ଷମ ପ୍ରାଣୀ ଥିଲେ ପଙ୍ଖା, ପାଣି ଛିଞ୍ଚିବା ଯନ୍ତ୍ର ଓ ଅନ୍ୟ ତାପମାତ୍ରା କମ କରିପାରୁଥିବା ଉପକରଣ ଲଗେଇବାର ବ୍ୟବସ୍ଥା କରାଯିବା ଦରକାର । ଅଂଶୁଘାତ ରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ, ମୁଣ୍ଡରେ ବରଫ ଘସନ୍ତୁ, ଓଦା କପଡା ବା ଅଖା ରଖନ୍ତୁ । |

**ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ଯଦି ମାଛ ଚାଷ ପାଇଁ ପୋଖରୀରେ ମାଛ ଜାଆଁଳା ଥାଏ, ତେବେ ମତ୍ସ୍ୟ ଚାଷୀମାନେ ଜଳର ଗୁଣବତ୍ତା ଏବଂ ସ୍ତର ଉପରେ ନଜର ରଖିବା ସହ ତାପମାତ୍ରା ଉପରେ ମଧ୍ୟ ନଜର ରଖିବା ଉଚିତ୍ । ଯଦି ଜଳର ତାପମାତ୍ରା ୩୦° ସେଲସିୟସ ରୁ ଅଧିକ ହେଲେ କିମ୍ବା ଜଳ ସ୍ତର ୧ ମିଟର ଗଭୀର ତଳକୁ ଚାଲିଗଲେ ଚାଷୀଭାଇ ମାନେ ଶୀଘ୍ର ଅମଳ କରିନିଅନ୍ତୁ ଏବଂ ମାଛ ବିହନ ଉତ୍ପାଦନ ଏବଂ ମାଛ ଚାଷ କାର୍ଯ୍ୟକଳାପ କୁ ସାମୟିକ ବନ୍ଦ ରଖନ୍ତୁ । ପ୍ରଜନନ ଏବଂ ମାଛ ଚାଷ କୁ ବନ୍ଦ କରନ୍ତୁ । |

**କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଖରା ଦାଉରୁ କୁକୁଡା ଓ ବତକ ମାନଙ୍କର ମାଂସ, ଅଣ୍ଡା ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁବରଣ ମଧ୍ୟ କରିଥାନ୍ତି । ଖରା ଦାଉରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲାବେଳେ ଧ୍ୟାନ ଦେବେ ଯେପରି ଘର ଭିତରକୁ ସିଧା ଖରା ପଡୁ ନ ଥିବ, ମୁକ୍ତ ବାୟୁ ଚଳପ୍ରଚଳ କରୁଥିବ, ଘରର ଛପର ଉଚ୍ଚ ଓ ପାର୍ଶ୍ୱ କାନ୍ଥ ନୀଚ ଥିବା ଛପର ଉପରେ କଖାରୁ ଜାତୀୟ ଲତାଜାତୀୟ ଗଛ ମଡାନ୍ତୁ ଓ ଦିନବେଳା ପାଣି ଛିଞ୍ଚନ୍ତୁ । କୁକୁଡା ଓ ବତକ ମାନଙ୍କ ଉପରେ ମଧ୍ୟ ପାଣି ଛିଞ୍ଚନ୍ତୁ, କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶୀ ଓଦା ନ ହୁଏ । ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗି ଦେଲେ ଘର ଥଣ୍ଡା ରହିଥାଏ । ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ । ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାନ୍ତୁ । |

**ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଜେନେରାଲ ଡବିସିଏ | ଫଳ ବଗିଚା ରେ ପାଣି ର ଅବଶ୍ୟକତା ମେଣ୍ଟାଇବା ପାଇଁ ସିଂଚା ଏବଂ ବୁନ୍ଦା ଜଳ ସେଚନ ପ୍ରଣାଳୀ କୁ ଆପଣାନ୍ତୁ \| ଜଳ କ୍ଷୟ ରୋକିବା ପାଇଁ ମାଟି ଉପରେ ଆଚ୍ଛାଦିକରଣ କରନ୍ତୁ \| ଗାଈ ମାନଙ୍କୁ ସଫା ଏବଂ ପର୍ଯ୍ୟାପ୍ତ ପରିମାଣ ରେ ସଫା ପାଣି ପିଇବାକୁ ଦିଅନ୍ତୁ ଏବଂ କେବଳ ସକାଳ ଏବଂ ଅପରାହ୍ନ ରେ ଚରିବାକୁ ଛାଡ଼ନ୍ତୁ \| |